# ଉଦ୍‌ବୋଧନ

● ଗଙ୍ଗାଧର ମେହେର

## କବି ପରିଚୟ :

ସ୍ୱଭାବକବି ଗଙ୍ଗାଧର ମେହେର (୧୮୬୨-୧୯୨୪) ଆଧୁନିକ ବରଗଡ଼ ଜିଲ୍ଲାର ବରପାଲିଠାରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର କବି ଓ ଲେଖକମାନଙ୍କ ମଧ୍ୟରେ ଗଙ୍ଗାଧର ଏକ ବିଶିଷ୍ଟ ସ୍ଥାନର ଅଧିକାରୀ । 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'କୀଚକ ବଧ', 'ଇନ୍ଦୁମତୀ', 'ଉତ୍କଳଲକ୍ଷ୍ମୀ', 'ଅର୍ଘ୍ୟଥାଳୀ', 'କୃଷକ ସଙ୍ଗୀତ' ଇତ୍ୟାଦି ତାଙ୍କର କେତୋଟି ଅତି ଜଣାଶୁଣା ରଚନା । 'ଉଦ୍‌ବୋଧନ' କବିତାଟି ଗଙ୍ଗାଧରଙ୍କ 'ଅର୍ଘ୍ୟଥାଳୀ' ପୁସ୍ତକରୁ ସଂଗୃହୀତ ।

ତାଙ୍କ ସମୟର ଓଡ଼ିଶାର ଜନମାନସରେ କବି ଯେଉଁ ଜଡ଼ତା ଓ ଉଦ୍ୟମହୀନତା ଲକ୍ଷ୍ୟ କରିଥିଲେ, ତାହା ତାଙ୍କୁ ମର୍ମାହତ କରିଥିଲା । ନିଜର ଭାଷା ଓ ଦେଶବାସୀଙ୍କ ଉନ୍ନତି ଉଦ୍ଦେଶ୍ୟରେ କବି ଦେଇଥିବା ଆହ୍ୱାନ ଏହି କବିତାରେ ପ୍ରତିଫଳିତ ହୋଇଛି ।

---

ନବ ରବିକରେ ଫୁଟଇ କମଳ,
ଉତ୍‌ଫୁଲ୍ଲେ ଉଠନ୍ତି ବିହଙ୍ଗମଦଳ ।
ଆହାର ବିହାର ପାଇଁ ତେଜି ପୁର,
ଉଡ଼ି ଯାଇଥାନ୍ତି କେତେ କେତେ ଦୂର ।
ମହୁମାଛି ମଧୁ ସଞ୍ଚୟ ଲାଳସେ,
ବହୁ ଦୂର ବନ ପର୍ବତେ ବିଳସେ ।
ବଳ ଥାଉଁ କେହି ନିଶ୍ଚୟ ମଉନ,
ଥାଇ ନ କରନ୍ତି ଜୀବନ ନିଉନ ।
ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

ମେଲିଥିଲେ ପାଟି ଶୋଇ ବୃକ୍ଷ ତଳେ,
ବୃକ୍ଷଚ୍ୟୁତ ଫଳ ନ ପଡ଼େ କବଳେ ।
ଗଜ ସିଂହ ବ୍ୟାଘ୍ର ଦେହେ ଅଛି ବଳ,
ତାଙ୍କୁ ବାନ୍ଧେ ନର ପ୍ରକାଶି କୌଶଳ ।
କୌଶଳଜନକ ଜ୍ଞାନ ଅଟେ ସିନା,
ଜନମି ନ ପାରେ ଜ୍ଞାନ ଭାଷା ବିନା ।
ଭାଷା ଯୋଗୁଁ ସିନା ଦମି ଜୀବଗଣ,
ମାନବ କରଇ ବିଶ୍ୱେ ରାଜପଣ ।
ଯା ଭାଷା ଦୁର୍ବଳା ସେ ନିଶ୍ଚେ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ?
ଉଚ୍ଚଭାଷୀ ଲୋକେ ତାକୁ ନୀଚ ଗଣି,
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ ।
ଯେ ନର ନ ବୁଝେ ମାନ ଅପମାନ,
ନୁହଇ କି ସେହୁ ପଶୁର ସମାନ ?
ଯା ଭାଷା ଦୁର୍ବଳା କାହିଁ ତା'ର ଜ୍ଞାନ ?
କାହିଁ ତା'ର ରାଜଦୁଆରେ ସମ୍ମାନ ?
ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।
ନାହିଁ ଯେବେ ହୃଦେ ଉଚ୍ଚ ଅଭିଳାଷ,
କର ଆମୋଦର ପଲଙ୍କେ ବିଳାସ ।
ପ୍ରତିବେଶୀଙ୍କର ଚରଣ ପ୍ରହାର-
ଚିହ୍ନଶ୍ରେଣୀ କର ବକ୍ଷଦେଶେ ହାର ।
ଉଚ୍ଚ ପଦ ପାଇଁ ଡାକିଲେ ରାଜନ,
କେତେ ଜଣ ଅଛ ତହିଁକି ଭାଜନ ?
ପ୍ରତିବେଶୀଙ୍କର ସହିତ ତୁଳନା,
କରି କର ନିଜ ମଧ୍ୟରେ କଳନା ।

ତହିଁରୁ ବୁଝିବ ନିଜେ କେଡ଼େ ଦୀନ,
କରିଅଛ ପୁଣି ମାତୃଭାଷା ହୀନ ।
ମାତୃଭାଷା ପୋଥି ଛୁଇଁବାକୁ କରେ,
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?
ଉଠ ଭାଇ, ଉଠ ନବୀନ ଆଲୋକେ,
ଶୋଇଥିଲେ ଚାହିଁ ହସୁଥିବେ ଲୋକେ ।
ଶୁଭ କର୍ମପଥେ ହୁଅ ଅଗ୍ରସର,
ଚକ୍ଷୁ ମଳିବାକୁ ନାହିଁ ଅବସର ।
ମାତୃଭୂମି ମାତୃଭାଷାର ବଦନ,
ଦୀପ୍ତ କର ଦେଇ ଧନ ଧ୍ୟାନ ମନ ।
ଶୁଭ ପଥେ ବିଭୁ କରିବେ ମଙ୍ଗଳ,
ଶୁଭ କର୍ମେ ହେବ ଜୀବନ ସଫଳ ।

**ସୂଚନା :**

ଉଦ୍‌ବୋଧନ - ବର୍ତ୍ତମାନର ଦୁରବସ୍ଥାକୁ ଦେଖି ତହିଁରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଦେଶବାସୀଙ୍କ ମଧ୍ୟରେ ଚେତନା ସୃଷ୍ଟି କରିବା ଏବଂ ଜାଗରଣ ଆଣିବା ନିମନ୍ତେ ଦିଆଯାଉଥିବା ପରାମର୍ଶ ।

ରବି କରେ - ସୂର୍ଯ୍ୟଙ୍କ କିରଣରେ

ଉତ୍‌ଫୁଲ୍ଲେ - ଆନନ୍ଦରେ

ବିହଙ୍ଗମ - ପକ୍ଷୀ (ଏମାନେ ବିହାୟସ ଅର୍ଥାତ୍ ଆକାଶରେ ଗମନ କରିପାରୁଥିବା ହେତୁ ଏମାନଙ୍କୁ ବିହଙ୍ଗମ କୁହାଯାଏ ।)

ବିଲସେ - ବିହାର କରେ, ବୁଲେ ।

ପିପୀଲିକା - ପିମ୍ପୁଡ଼ି

କବଳେ - ପାଟିରେ, ମୁଖଗହ୍ୱରରେ

ଦମି - ଦମନ କରି

ରାଜଦୁଆର - ରାଜାଙ୍କ ଦରବାର, ସରକାରୀ ଦପ୍ତର

ଆମୋଦ - କ୍ରୀଡ଼ାକୌତୁକ, ମଜା, ଆନନ୍ଦ

ପ୍ରତିବେଶୀ - ପଡ଼ୋଶୀ

## ପ୍ରଶ୍ନାବଳୀ

**ସଂକ୍ଷିପ୍ତ ଉତ୍ତରମୂଳକ :**

୧. ‘ଉଦ୍‌ବୋଧନ’ କବିତାଟି କେଉଁମାନଙ୍କୁ ଲକ୍ଷ୍ୟ କରି ଲେଖାଯାଇଛି ?

୨. ସକାଳ ହେଲେ ପକ୍ଷୀମାନେ ବସାରୁ ବାହାରି ଦୂରକୁ ଉଡ଼ିଯାଆନ୍ତି କାହିଁକି ?

୩. ‘ଉଦ୍‌ବୋଧନ’ କବିତାରେ ମହୁମାଛି ବିଷୟରେ କବି ଲେଖିଛନ୍ତି କାହିଁକି ?

୪. ପିମ୍ପୁଡ଼ିଠାରୁ ଆମର କ’ଣ ଶିଖିବାର ଅଛି ?

୫. ଶୋଇ ରହିଥିବା ସିଂହ କି ପ୍ରକାର ଅସୁବିଧା ଭୋଗେ ?

୬. ପକ୍ଷୀ, ମହୁମାଛି, ପିମ୍ପୁଡ଼ି ଓ ସିଂହ ବିଷୟରେ କହିବା ମୂଳରେ କବିଙ୍କର କି ଉଦ୍ଦେଶ୍ୟ ରହିଛି ?

୭. ନିଜଠାରୁ ଅଧିକ ବଳଶାଳୀ ଜନ୍ତୁମାନଙ୍କୁ ମଣିଷ ଆୟତ୍ତ କରିପାରିଛି କିପରି ?

୮. ମଣିଷର ଉନ୍ନତି ସହିତ ଭାଷାର କି ସଂପର୍କ ରହିଛି ?

୯. ଭାଷାର ଉନ୍ନତି ନ ହେଲେ ଆମର କି କି ଅସୁବିଧା ହେବ ?

୧୦. କବିଙ୍କ ବିଚାରରେ ଅଧମ କିଏ ?

୧୧. ମାନ ଓ ଅପମାନ ମଧ୍ୟରେ ପାର୍ଥକ୍ୟ ବୁଝୁ ନ ଥିବା ଲୋକ ପଶୁସହିତ ସମାନ ବୋଲି କବି କାହିଁକି ଭାବିଛନ୍ତି ?

୧୨. ଜାତିର ଉନ୍ନତି ହାସଲ କରିବା ନିମନ୍ତେ କବି କି କି ପରାମର୍ଶ ଦେଇଛନ୍ତି ?

୧୩. ହୃଦୟରେ ଉଚ୍ଚ ଅଭିଳାଷ ପୋଷଣ କରିବା କାହିଁକି ଦରକାର ?

୧୪. କେଉଁ କେଉଁ ଭାଷାଭାଷୀ ଲୋକେ ଓଡ଼ିଶାର ପ୍ରତିବେଶୀ ?

୧୫. ପ୍ରତିବେଶୀଙ୍କ ସହିତ ନିଜକୁ ତୁଳନା କରିବା ପାଇଁ କବି କାହିଁକି କହିଛନ୍ତି ?

୧୬. ‘ମାତୃଭାଷା ପୋଥି ଛୁଇଁବାକୁ କରେ, ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?’ - କେଉଁମାନଙ୍କୁ ଲକ୍ଷ୍ୟ କରି ଏହା କୁହାଯାଇଛି ?

୧୭. କବି ଏପରି କହିବାର କାରଣ କ’ଣ ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୧୮. ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

୧୯. ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।

୨୦. ପ୍ରତିବେଶୀଙ୍କର ସହିତ ତୁଳନା,
କରି କର ନିଜ ମଧ୍ୟରେ କଳନା ।

୨୧. ଶୁଭ କର୍ମପଥେ ହୁଅ ଅଗ୍ରସର
ଚକ୍ଷୁ ମଳିବାକୁ ନାହିଁ ଅବସର ।

## ଦୀର୍ଘ ଉତ୍ତରମୂଳକ :

୨୨. ଜୀବନକୁ ସଫଳ କରିବାପାଇଁ କବି ଦେଶବାସୀଙ୍କୁ ଦେଇଥିବା ପରାମର୍ଶଗୁଡ଼ିକୁ ବର୍ଣ୍ଣନ କର ।

୨୩. ପ୍ରଗତି ହାସଲ କରିବାପାଇଁ ଦେଶବାସୀଙ୍କୁ କବି ଯେଉଁ ସନ୍ଦେଶ ଓ ପରାମର୍ଶ ଦେଇଛନ୍ତି ଆଲୋଚନା କର ।

୨୪. ମାତୃଭାଷାର ଉନ୍ନତି ନ ହେଲେ କି କି ଅସୁବିଧା ହେବ, ଉଦାହରଣ ସହ ବୁଝାଅ ।

୨୫. ଏହି କବିତାର ନାମ 'ଉଦ୍‌ବୋଧନ' ରଖାଯିବାର ଯଥାର୍ଥତା ଆଲୋଚନା କର ।

୨୬. ବିଦ୍ୟାଳୟରେ ଅନ୍ୟାନ୍ୟ ବିଷୟ ପଢ଼ିବା, ବୁଝିବା ଓ ଉତ୍ତର ଲେଖିବା କ୍ଷେତ୍ରରେ ଓଡ଼ିଆ ଭାଷାଜ୍ଞାନ ତୁମକୁ କିପରି ସାହାଯ୍ୟ କରୁଛି ଲେଖ ।

୨୭. ତୁମର କେଉଁ କେଉଁ କାର୍ଯ୍ୟ ମାତୃଭାଷାର ଉନ୍ନତି ଦିଗରେ ସହାୟକ ହେବ ସେ ସଂପର୍କରେ ସହପାଠୀମାନଙ୍କ ସହ ଆଲୋଚନା କରି ଓ ଶିକ୍ଷକମାନଙ୍କ ପରାମର୍ଶ ନେଇ ଏକ କାର୍ଯ୍ୟଯୋଜନା ଫର୍ଦ୍ଦ ପ୍ରସ୍ତୁତ କର ।

## ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୨୮. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ ।
ମଉନ, ନିଉନ, ଦମି, ଦୁଆର, ଜନମି

୨୯. ଶ୍ରୁତିମଧୁରତା ଉଦ୍ଦେଶ୍ୟରେ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ପଦ୍ୟରେ ବ୍ୟବହାର କରିବାକୁ ହେଲେ କିପରି ଲେଖିବା ?
ପ୍ରକାଶ, କୌଶଳ, ଦୁର୍ବଳ, ମୂର୍ଚ୍ଛନା, ଶୈଶବ, ପର୍ବତ

୩୦. ବୃକ୍ଷରୁ ଯାହା ଖସି ପଡ଼ିଥାଏ ତାକୁ କୁହାଯାଏ 'ବୃକ୍ଷଚ୍ୟୁତ' । ସେହିପରି ଶେଷରେ 'ଚ୍ୟୁତ' ଥିବା ଆଉ ଚାରୋଟି ଶବ୍ଦ ଲେଖ ଏବଂ ପ୍ରତ୍ୟେକକୁ ନେଇ ଗୋଟିଏ ଗୋଟିଏ ବାକ୍ୟ ଗଠନ କର ।

୩୧. ତଳେ ପ୍ରତ୍ୟେକ ଧାଡ଼ିରେ ଚାରୋଟି ଲେଖାଏଁ ଶବ୍ଦ ଲେଖାଯାଇଛି । ପ୍ରତି ଧାଡ଼ିରେ ଥିବା ଭିନ୍ନ ଜାତୀୟ ଶବ୍ଦଟିକୁ ଚିହ୍ନଟ କରି ଲେଖ ।
(କ) ଭଜନ, ଭୋଜନ, ପୂଜନ, ରାଜନ
(ଖ) ଟାଣପଣ, ରାଜପଣ, ଖୋଲପଣ, ବଡ଼ପଣ
(ଗ) ହିନ୍ଦୀଭାଷୀ, ଉଚ୍ଚଭାଷୀ, ସ୍ପଷ୍ଟଭାଷୀ, ମିଷ୍ଟଭାଷୀ

୩୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।
(କ) ______ ସିଂହ ମୁଖେ ନ ପଶେ ______
ଶ୍ରମେ ପିପୀଲିକା ______ ଭଣ୍ଡାର
(କ୍ଷିପ୍ତ, ସୁପ୍ତ, ଦୃପ୍ତ, ଫେରାଏ, ଘୂରାଏ, ପୂରାଏ, ଆହାର, ବିହାର, ତାହାର)

(ଖ) ଯା ଭାଷା ______ ସେ ______ ଅଧମ,

କାହିଁ ହେବ ______ପ୍ରତିଯୋଗେ ______ ?

(ସବଳା, ନିଶ୍ଚଳା, ଦୁର୍ବଳା, ପରା, ନିଷ୍ଟେ, ସତେ, ଆନେ, ମନେ, ଦିନେ, କ୍ଷମ, ସମ, ବାମ)

୩୩. 'କାହିଁ ତା'ର ରାଜଦୁଆରେ ସମ୍ମାନ ?' – ଏଠାରେ 'ରାଜଦୁଆର' ଶବ୍ଦର ଠିକ୍ ଉତ୍ତରକୁ ପ୍ରଦତ୍ତ ଉତ୍ତରମାନଙ୍କ ମଧ୍ୟରୁ ବାଛ ।

(କ) ରାଜା ରହୁଥିବା ଘରର ଦ୍ୱାର

(ଖ) ଯେଉଁ ଦ୍ୱାରବାଟେ ରାଜା ଯିବାଆସିବା କରନ୍ତି

(ଗ) ରାଜା ବସାଉଥିବା ଦରବାର

(ଘ) ଅନ୍ୟମାନଙ୍କୁ ରାଜା ଦେଖାଦେବା ସ୍ଥାନ

୩୪. 'ମାତୃଭାଷା ପୋଥି ଛୁଇଁବାକୁ କରେ,

ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?'

– ଏହା କହିବା ମୂଳରେ କବିଙ୍କର ଉଦ୍ଦେଶ୍ୟଟି କ'ଣ ? ପ୍ରଦତ୍ତ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟି ବାଛ ।

(କ) ପ୍ରଶଂସା କରିବା

(ଖ) ନିନ୍ଦା କରିବା

(ଗ) ପରିହାସ କରିବା

(ଘ) ଖୋସାମତ କରିବା

୩୫. 'ଆହାରବିହାର', 'ମାନଅପମାନ' ଗୋଟିଏ ଗୋଟିଏ ଯୁଗ୍ମଶବ୍ଦ । ତୁମେ ଆଉ ପାଞ୍ଚୋଟି ଯୁଗ୍ମଶବ୍ଦ ଲେଖ ।

## ତୁମପାଇଁ କାମ :

୩୬. ଗଙ୍ଗାଧର ମେହେରଙ୍କ ଜୀବନୀ ସଂଗ୍ରହ କରି ପଢ଼ ।

୩୭. ମାତୃଭାଷାର ଗୁରୁତ୍ୱ ସଂପର୍କରେ ବିଭିନ୍ନ କବି ଲେଖିଥିବା କବିତା ପଢ଼ି ତହିଁରୁ ଉଦ୍ଧୃତିଯୋଗ୍ୟ ପଦଗୁଡ଼ିକୁ ଟିପି ରଖ ।

❖❖❖